# ପାଣିରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ

ଶେରଗଡ଼/ଧରାକୋଟ,୨୫ ।୧(ସମିସ)

ଗଞ୍ଜାମ ଜିଲ୍ଲାର ଶେରଗଡ଼ ଓ ଧରାକୋଟ ଥାନା ଅଞ୍ଚଳରେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶେରଗଡ଼ ଥାନା ଅନ୍ତର୍ଗତ କୀର୍ତ୍ତିପୁର ଗ୍ରାମର କେଦାର ବେହେରା (୨୭) ଓ ଧରାକୋଟ ଥାନା ବରଡାବିଲି ଗ୍ରାମର ସୀମାଞ୍ଚଳ ପାଢ଼ୀ(୪୦)। କେଦାର ଶନିବାର ଗାଈ ଓ ଛେଳି ଚରାଇବାକୁ ନିକଟସ୍ଥ ଋଷିକୁଲ୍ୟା କେନାଲ ପାର୍ଶ୍ୱକୁ ଯାଇଥିଲେ। ଶୌଚ ହେବାକୁ ଦଳଭର୍ତ୍ତି କେନାଲ ଭିତରକୁ ଯାଇ ବୁଡ଼ି ଯାଇଥିଲେ। ସନ୍ଧ୍ୟାରେ ଘରକୁ ନଫେରିବାରୁ ପରିବାର ଲୋକ କେନାଲ ପାଖକୁ ଆସି କେଦାରଙ୍କ ଚପଲ କେନାଲ କୂଳରେ ଦେଖି ଖୋଜାଖୋଜି କରିଥିଲେ। ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଣି ଅଧିକ ଥିବାରୁ ସନ୍ଧାନ ପାଇନଥିଲେ। ରବିବାର ପାଣି କମିବାରୁ ଗ୍ରାମବାସୀ କେଦାରଙ୍କୁ କେନାଲ ମଧ୍ୟରୁ ବାହାର କରି ହୁଡାକୁ ଆଣିଥିଲେ। ପରେ କେଦାରଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ଏବଂ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବରେନ୍ଦ୍ର ସିଅଳ କହିଛନ୍ତି। କେଦାର ଦେଢ ବର୍ଷ ପୂର୍ବରୁ ବିବାହ କରିଥିଲେ ଏବଂ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ସେହିପରି ବରଡ଼ାବିଲିର ସୀମାଞ୍ଚଳଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବାବେଳେ ଉଦ୍ଧାର କରାଯାଇଛି। ଦୀର୍ଘ ୪ଦିନ ପୂର୍ବରୁ ସୀମାଞ୍ଚଳ ନିଖୋଜ ଥିବା ପରିବାର ଲୋକେ ଧରାକୋଟ ଥାନାରେ ଏତଲା ଦେଇଥିଲେ। ଅଚାନକ ଆଜି ଗାଁ ପୋଖରୀରେ ତାଙ୍କ ଶବ ଭାସୁଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଧରାକୋଟ ଥାନା ଓ ଦମକଳ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପୁଲିସ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇଥିଲା। ଏନେଇ ଧରାକୋଟ ଥାନାରେ ନଂ.୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବକୁ ବ୍ୟବଛେଦ ପାଇଁ ପଠାଇଛି।

## ଧର୍ମଘଟ ଲାଗି କୃଷକ ସଂଗଠନର ପ୍ରସ୍ତୁତି

ଛତ୍ରପୁର,୨୫ ।୧(ସମିସ): ଧାନ ମଣ୍ଡିର ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ନାମରେ ଫାଇନ ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଶୋଷଣ ପ୍ରମୁଖ ପ୍ରତିବାଦରେ ଆସନ୍ତା ଜାନୁୟାରୀ ୨୮ ତାରିଖ ଦିନ ଓଡ଼ିଶା ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଗଠନ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏହି ବନ୍ଦକୁ ସଫଳ କରିବା ପାଇଁ ଯୁବଚାଷୀ ନେତା ମନୋଜ କୁମାର ମିଶ୍ର ଓ କୃଷ୍ଣ ନାହାକଙ୍କ ନେତୃତ୍ୱରେ ଛତ୍ରପୁର ଷ୍ଟେସନ ରୋଡ ନିକଟସ୍ଥ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ବିଷୟରେ ଅବଗତ କରାଇବା ସହ ଏହି ବନ୍ଦ ଡାକରାକୁ ସଫଳ କରିବା ନିମନ୍ତେ ରୂପରେଖା ଦେଇଥିଲେ। ବୈଠକରେ ଚାଷୀନେତା କୁନା ଦାସ, ସୁବୋଧ ସୁମନ ସ୍ୱାଇଁ, ଶୁଭମ ଚୌଧୁରୀ, ଗୁପ୍ତେଶ୍ୱର ମହାକୁଡ, ରୁଷିନ୍ଦ୍ର ରେଡ୍ଡି ଓ ବି ଶ୍ରୀନୁ ରେଡ୍ଡି ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

## ଲାଗିଲା ସିସି କ୍ୟାମେରା; ସାବାଡ଼ ହେବେ ଅମାନିଆ



କୁକୁଡାଖଣ୍ଡି,୨୫ ।୧(ସମିସ): ସଡ଼କ ସୁରକ୍ଷା ଓ ଯାନଚଳାଚଳ ନିୟନ୍ତ୍ରଣକୁ ଆହୁରି ମଜବୂତ କରିବା ଉଦ୍ଦେଶ୍ୟରେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ନିକଟ ଜାତୀୟ ରାଜପଥ (ଏନଏଚ-୫୯)ରେ ସିସିଟିଭି କ୍ୟାମେରା ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାଜପଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଉଚ୍ଚ କ୍ଷମତାସମ୍ପନ୍ନ ସିସି କ୍ୟାମେରା ଲଗାଯାଉଥିବା ବେଳେ ଟ୍ରାଫିକ୍ ନିୟମ ଉଲ୍ଲଂଘନ, ଅତ୍ୟଧିକ ଗତି, ହେଲମେଟ୍ ଓ ସିଟ୍‌ବେଲ୍ଟ ନ ପିନ୍ଧିବା ଭଳି ଅପରାଧ ଉପରେ କଡ଼ା ନଜର ରଖାଯିବ। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସିସିଟିଭି ମାଧ୍ୟମରେ ଧରାପଡୁଥିବା ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଜରିମାନା ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଏଣୁ ଏନଏଚ-୫୯ରେ ଯାତାୟାତ କରୁଥିବା ସମସ୍ତ ଗାଡ଼ିଚାଳକଙ୍କୁ ଟ୍ରାଫିକ୍ ନିୟମ ମାନି ସାବଧାନତାର ସହିତ ଗାଡ଼ି ଚଳାଇବାକୁ ପ୍ରଶାସନ ଅନୁରୋଧ କରିଛି।

## ବସ୍ ଚକ ତଳେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଆସିକା,୨୫ ।୧(ସମିସ): ଆସିକା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ସକାଳେ ବସ୍ ଚକାତଳେ ପଡ଼ି ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ମୃତକ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର କମଳା ଡାକୁଆ(୭୦)। ସେ ନିଜ ଗାଁରୁ ଝିଅଘର ପୋଲସରା ମଧୁପଲ୍ଲୀକୁ ଯିବାବେଳେ ଆସିକା ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌କୁ ଅପେକ୍ଷା କରିଥିଲେ। ତେବେ ରାସ୍ତା ପାର ହେଉଥିବା ବେଳେ ଷ୍ଟାଣ୍ଡକୁ ପ୍ରବେଶ କରୁଥିବା କନକ ଦୁର୍ଗା ବସର ଚକତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କୂଅରୁ ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

ରଙ୍ଗେଇଲୁଣ୍ଡା,୨୫ ।୧(ସମିସ): ଗୋଳନ୍ଥରା ଥାନା ଅଧୀନ ଗୋଳନ୍ଥରା ଗାଁରୁ ଜଣେ ବ୍ୟକ୍ତି ନିଖୋଜ ହେବାର ଦେଢ଼ ମାସ ପରେ ଆଜି ଗାଁ ନିକଟ ଏକ ପରିତ୍ୟକ୍ତ କୂଅରୁ ତାଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଗୋଳନ୍ଥରା ଗାଁ ମଠଦାଣ୍ଡ ସାହିର ପ୍ରତାପ ପ୍ରଧାନ (୫୦)। ପ୍ରତାପ ଗୋଳନ୍ଥରା ଚଟିରେ ଏକ ଚାଟ୍ ଦୋକାନ କରି ପରିବାର ପୋଷଣ କରିଆସୁଥିଲେ। ଗତ ୧୨ ଡିସେମ୍ବରରେ ପ୍ରତାପ ଘରୁ କେଉଁଆଡ଼େ ଚାଲିଯାଇ ଆଉ ଫେରି ନଥିଲେ। ପରିବାର ବର୍ଗ ବହୁ ଖୋଜାଖୋଜି ପରେ ପତ୍ତା ନମିଳିବାରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ଗୋଳନ୍ଥରା ଗାଁର କିଛି ଯୁବକ ପରିତ୍ୟକ୍ତ କୂଅରେ ଏକ ଶବ ଭାସୁଥବା ଦେଖି ପୁଲିସକୁ ଖବର ଦେଇଥିଲେ। ଏସ୍‌ଆଇ ଶିଲୁ ଧଳ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ କୂଅରୁ ଶବ ଉଦ୍ଧାର କରିବା ପରେ ପ୍ରତାପଙ୍କ ପରିବାର ବର୍ଗ ଆସି ଚିହ୍ନଟ କରିଥିଲେ। ଏନେଇ ମୃତକଙ୍କ ପତ୍ନୀଙ୍କ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ଶ୍ରୀରାମ ମନ୍ଦିର ପାଇଁ ଭୂମି ପୂଜନ



କବିସୂର୍ଯ୍ୟନଗର, ୨୫ ।୧ (ସମିସ): କବିସୂର୍ଯ୍ୟନଗର କାଳିଆ ଲୁଣ୍ଡା ପାହାଡ଼ ଶୀର୍ଷରେ ନିର୍ମାଣ ହେବ ଭବ୍ୟ ରାମ ମନ୍ଦିର। ଏଥିପାଇଁ ଭୂମିପୂଜନ, ୧୦୮ କୁଣ୍ଡିୟ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ମହିଳା ପବିତ୍ର ଧନେଇ ନଦୀ ତଟରେ ପହଞ୍ଚିଥିଲେ। ପୂର୍ବରୁ ନଦୀ ତୁଠରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ସହଧର୍ମିଣୀଙ୍କ ସହ ପୂଜା ପାଠରେ ବସିଥିଲେ। ସହଯୋଗ କରିଥିଲେ ସୂର୍ଯ୍ୟ ନାରାୟନ ନାୟକ ଓ ତାଙ୍କ ସହଧର୍ମିଣୀ। ପୂଜାପାଠ ପରେ ଶୋଭାଯାତ୍ରା ଆଗରେ କଳସ ମୁଣ୍ଡାଇ ବାହାରି ପଡ଼ିଥିଲେ ବିଧାୟକ। ଶହ ଶହ ମହିଳା ଓ ପୁରୁଷଙ୍କ ସହ ନଗର ପରିକ୍ରମା କରି ନିର୍ମାଣସ୍ଥଳ କାଳିଆ ଲୁଣ୍ଡା ପାହାଡ଼ ଶୀର୍ଷରେ ପହଞ୍ଚିଥିଲେ। ପ୍ରସ୍ତୁତ ୧୦୮ କୁଣ୍ଡିୟ ଘୃତଯଜ୍ଞରେ ସାମିଲ ହୋଇଥିଲେ ୧୦୮ ଜଣ ଶାସ୍ତ୍ରିକ ସହ କର୍ତ୍ତା। ଚିନ୍ମୟାନନ୍ଦ ମହାରାଜ, ସତ୍ୟାନନ୍ଦ ମିତ୍ରଗିରି, ହରି ମହନ୍ତ, ପଣ୍ଡିତ ଅଶୋକ କୁମାର ପାଢ଼ୀ ଓ ବହୁ ସାଧୁସନ୍ଥ ସାମିଲ ହୋଇଥିଲେ।










# ମତଦାତା ସଚେତନ ପଦଯାତ୍ରା



ବ୍ରହ୍ମପୁର,୨୫।୧(ସମିସ): ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୬ତମ ଜାତୀୟ ମତଦାତା ଦିବସ ଅବସରରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଯୋଗ ଦେଇ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଆରମ୍ଭ



ହୋଇ କମାପଲ୍ଲୀ, କୋର୍ଟ ଦେଇ ପୁଣି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ବୁଥ ସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ଅଂଶ ଗ୍ରହଣକାରୀମାନେ ଗୋଟିଏ ଭୋଟ ଅତି ମୂଲ୍ୟବାନ, ଭୋଟ ଦେବା ଆମ ଅଧିକାର, ଭୋଟର ତାଲିକାରେ ନାମ ପଞ୍ଜିକରଣ କରନ୍ତୁ ବୋଲି ସ୍ଲୋଗାନ ଦେଇ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି, ଆସିଷ୍ଟାଣ୍ଟ କମିଶନର ରୋନିତ୍ କୁମାର, ତହସିଲଦାର ରାକେଶ କୁମାର ପରିଡ଼ା ଓ ଅତିରିକ୍ତ ତହସିଲଦାର ହୃଷିକେଶ ପଣ୍ଡା ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ବାଲାଜୀପେଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଥ ନମ୍ବର ୭୯ ଓ ୮୦ରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ୭୯ ନମ୍ବର ବୁଥ ବିଏଲଓ ସୁମତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮୦ ନମ୍ବର ବୁଥ ବିଏଲଓ ରେଣୁବାଳା ସାହୁ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ଯେ କୌଣସି ସାମ୍ଭାବ୍ୟ ପ୍ରଲୋଭନରେ ପ୍ରଭାବିତ ନ ହୋଇ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଗାରିମା ରକ୍ଷା କରିବାକୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ସାମୁହିକ ଶପଥ ପାଠ କରାଇଥିଲା। ସ୍ଥାନୀୟ ଅଙ୍ଗନବାଡି ସହାୟିକା ସୋନମ ସାମଲ ଓ ଆଶା ସୁଜାତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଧୁଆଘରେ ପଡ଼ି ଯୁବକ ମୃତ

ବ୍ରହ୍ମପୁର,୨୫।୧(ସମିସ): ଗାଧୁଆ ଘରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଷ୍ଣୁ ପ୍ରସାଦ ଡାକୁଆ ଓରଫ କାଳିଆ। କାଳିଆଙ୍କ ହରିଡ଼ାଖଣ୍ଡି ଛକ ନିକଟରେ ଗୋଟିଏ ୱେଡିଂ ସପ୍ ରହିଛି। ଗତକାଲି ସେ ବାଥ୍‌ରୁମ୍‌ରେ ଥିବା ବେଳେ ଗୋଡ଼ ଖସି ଯାଇଥିଲା। ଫଳରେ ମୁଣ୍ଡ ପଛକୁ କରି କଚାଡ଼ି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବିଶାଖାପାଟଣାମ୍‌ର ଏକ ଘରୋଇ ମେଡ଼ିକାଲରେ ଭେଣ୍ଟିଲେଟରରେ ରଖାଯାଇଥିଲା। ପରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ଆଣିଥିଲେ। ଏଠାରେ ପହଞ୍ଚିବାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଳିଆଙ୍କ ମୃତ୍ୟୁରେ ବଡ଼ବଜାର ଥାନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜେଲ୍ ଫେରନ୍ତାଙ୍କ ନୂଆ ଗ୍ୟାଙ୍ଗ; ରିଲ୍‌ସରେ ଶକ୍ତି ପ୍ରଦର୍ଶନ

- ସହରର କିଛି ଗ୍ୟାଙ୍ଗ ନାବାଳକଙ୍କ ଦ୍ୱାରା ପରିଚାଳିତ
- ବ୍ରାଉନ୍‌ସୁଗର ଓ ମଦରେ ନିଶାସକ୍ତ ହୋଇ ରହୁଛନ୍ତି

ବ୍ରହ୍ମପୁର,୨୫।୧(ସମିସ): ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି ଓ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଜାମିନରେ ଆସିବା ପରେ ଏବେ ଗଢ଼ିଛନ୍ତି ନୂଆ ଗ୍ୟାଙ୍ଗ। କିଛି ପୁରୁଣା ଅପରାଧୀଙ୍କ ଛତ୍ରଛାୟା ତଳେ ରହି ଅପରାଧ ଘଟାଇ ଜେଲ ଯାଇ ଜାମିନରେ ଆସିବା ପରେ ନୂଆ ଗ୍ୟାଙ୍ଗ କରି ସୋସିଆଲ ମିଡ଼ିଆରେ ଛାଇ ହୋଇ ରହିଥିବା ଦେଖିବାକୁ ମିଳିଛି। ଏପରିକି ସମାଜସେବା କାର୍ଯ୍ୟରେ ମଧ୍ୟ ଲିପ୍ତ ରୁହନ୍ତି। ଜେଲ ଫେରନ୍ତାଙ୍କ ଏଭଳି କାର୍ଯ୍ୟକୁ ଦେଖି ଲୋକେ ପ୍ରସଂଶା କରୁଛନ୍ତି ସତ କିନ୍ତୁ ଏହି ଗ୍ୟାଙ୍ଗକୁ ନେଇ ବହୁ ନେତା, ବିଲ୍ଡର ଓ ବ୍ୟବସାୟୀ ବିଭିନ୍ନ କାମ ହାସଲ ମଧ୍ୟ କରୁଥିବା ଶୁଣିବାକୁ ମିଳୁଛି। ପୂର୍ବରୁ ଚର୍ଚ୍ଚିତ ଥିବା ଅପରାଧୀ ଗ୍ୟାଙ୍ଗର କିଛି ଯୁବକ ସଂପୃକ୍ତ ଗ୍ୟାଙ୍ଗର କିଛି ସଦସ୍ୟଙ୍କ ସହ ଝଗଡ଼ା କରି ଏବେ ନୂଆ ଗ୍ୟାଙ୍ଗ କରିଥିବା ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ସାହି ସାହିରେ ଗୁଣ୍ଡା ଭର୍ତ୍ତି। ଛୋଟଠାରୁ ବଡ଼ ସମସ୍ତେ ଗୋଟିଏ ଗୋଟିଏ ଗୁଣ୍ଡା ହୋଇଗଲେଣି। ଯିଏ ଅଧିକ ପିଲା ଧରି ବୁଲିଲା ତାକୁ ସହରର କିଛି ନେତା, ବ୍ୟବସାୟୀ ଆପଣାଉଥିବା ଶୁଣିବାକୁ ମିଳୁଛି। ସେଥିପାଇଁ ଏବେ ଜେଲରୁ ଫେରିଥିବା କିଛି ଯୁବକ ଗୋଟିଏ ଗୋଟିଏ ନୂଆ ଗ୍ୟାଙ୍ଗ କରି ନିଜର ବଳ ଦେଖାଉଛନ୍ତି। ଖାଲି ବଳ ଦେଖାଉନାହାନ୍ତି ରିଲ୍‌ସ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଥିବା ନଜର ମଧ୍ୟ ରହିଛି। ସେପଟେ ପୁଲିସ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡ଼ିଓକୁ ଡ଼ାଉନଲୋଡ଼ ଏବଂ କିଛି ସ୍କ୍ରିନ୍‌ସଟ୍ ନେଇ ରଖିଥିବା ଜଣାପଡିଛି। ଗୋଟିଏ ଗ୍ୟାଙ୍ଗ ସହରରେ ଭୋଜି ଭାତର ଆସର କଲେ ଅନ୍ୟ ଗ୍ୟାଙ୍ଗ ନିଜ ଗ୍ୟାଙ୍ଗର ସଦସ୍ୟଙ୍କୁ ନେଇ ବୁଲିବାକୁ ଯାଉଥାଏ। ସେଠାରେ ନିଷ୍ପତ୍ତି ହୁଏ କି କାହାକୁ ଆମେ ସହଯୋଗ କରିବା କାହାକୁ ନାହିଁ। ବ୍ରହ୍ମପୁର ସହରରେ ପୂର୍ବରୁ ମଧ୍ୟ ଚର୍ଚ୍ଚିତ ଚିକେନ ରବି ହତ୍ୟା କାଣ୍ଡ, ପ୍ରଫେସର ଦମ୍ପତି ହତ୍ୟା ମାମଲା ଓ କ୍ଷୀର ବ୍ୟବସାୟ ଲମ୍ବୋଧର ମୁନି ହତ୍ୟା, ବସ ହକର ସନାତନ ଚୌଧୁରୀ, ଦୁର୍ଦ୍ଦାନ୍ତ ଅପରାଧୀ ଟୁନା ଦାସ ହତ୍ୟା ମାମଲାରେ ନାବାଳକଙ୍କ ସମ୍ପୃତି ରହିଥିଲା। ସେହିପରି ବହୁ ଚର୍ଚ୍ଚିତ ହତ୍ୟା ଉଦ୍ୟମ ମାମଲା ଗୁଡିକରେ ମଧ୍ୟ ନାବାଳକମାନଙ୍କ ସମ୍ପୃକ୍ତି ରହିଥିବା ଦେଖିବାକୁ ମିଳିଛି। ସଜା ବ୍ୟବସ୍ଥା କୋହଳ ଥିବାରୁ ନିଶା ସେବନ କରିବା ସହ ବ୍ରାଉନ୍‌ସୁଗାର ବିକ୍ରିରେ ମଧ୍ୟ ନାବାଳକମାନଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ହେଉଛି। ତେବେ ପ୍ରତ୍ୟେକ ନାବାଳକ ଅପରାଧୀଙ୍କ ପଛରେ କେଉଁଠି ନା କେଉଁଠି କିଛି ବଡ଼ ଅପରାଧୀଙ୍କ ହାତ ରହୁଥିବା କଥାକୁ ଏଡାଇ ଦିଆଯାଇନପାରେ। ନାବାଳକମାନେ ଏବେ ନିଜ ନିଜ ମଧ୍ୟରେ ଗ୍ୟାଙ୍ଗ କରି ଅପରାଧରେ ଲିପ୍ତ ରହୁଛନ୍ତି। ବଳ ଦେଖାଇବାକୁ ଏକାଧିକ ଗ୍ୟାଙ୍ଗ ରିଲ୍‌ସ କରୁଛନ୍ତି। ସହରର କିଛି ଗ୍ୟାଙ୍ଗ ନାବାଳକଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ବହୁ ଯୁବକ ବ୍ରାଉନ୍‌ସୁଗର ଓ ମଦରେ ନିଶାସକ୍ତ ହୋଇ ରହୁଥିବା ଜଣାପଡ଼ିଛି।

# ଗୋପାଳପୁର ବେଳାଭୂମି ମହୋତ୍ସବ ଅବସରରେ ମାରାଥନ୍



ବ୍ରହ୍ମପୁର,୨୫।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବ ଅବକାଶରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦କିମି ମାରାଥନ ଆୟୋଜିତ ହୋଇଯାଇଛି। ସକାଳ ୭ଘଟିକା ସମୟରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ସର୍ବଣା ବିବେକ ଏମ ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପତାକା ଦେଖାଇ ମାରଥନ୍ ଶୁଭାରମ୍ଭ କରିଥିଲେ। ପୁରୁଷ ବିଭାଗରେ ଓଡ଼ିଶା ପୁଲିସ ୮ଆରବି, ଭଞ୍ଜନଗରରେ କାର୍ଯ୍ୟରତ ଅଶୋକ ଦଣ୍ଡସେନା ପ୍ରଥମ ସ୍ଥାନ, କଟକ ଜିଲ୍ଲାର ରଶ୍ମୀରଞ୍ଜନ ନାୟକ ଦ୍ୱିତୀୟସ୍ଥାନ ଓ ଗଜପତି ଜିଲ୍ଲାର ଗୀନୁ ରଇତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ଭୁବନେଶ୍ୱରର ପିଙ୍କି ସାହୁ ପ୍ରଥମ, ବ୍ରହ୍ମପୁର ସନ୍ଧ୍ୟାରାଣୀ ବେହେରା ଓ ରାଧାରାଣୀ ବେହେରା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୋପାଳପୁର ମୁଖ୍ୟ ବେଳାଭୂମିଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଜିଲ୍ଲାପାଳ, ଗଞ୍ଜାମ ଏସ୍‌ପି ଓ ଗୋପାଳପୁର ଆର୍ମି ଏଡି କଲେଜର ବରିଷ୍ଠ ଅଧିକାରୀମାନେ ସମସ୍ତ ଧାବକଙ୍କୁ ଅଭିନନ୍ଦନ ଜଣାଇବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ପ୍ରଥମ ୧୨ହଜାର, ଦ୍ୱିତୀୟ ୮ହଜାର ଏବଂ ତୃତୀୟ ୫ହଜାର ଟଙ୍କାର ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଗୋପାଳପୁର ଆର୍ମି ଏଡି କଲେଜ ପକ୍ଷରୁ ମନୋଜ୍ଞ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଡୁରା ଜଙ୍ଗସନଠାରୁ ଆରମ୍ଭ ହୋଇଥିବା ଏହି ମାରାଥନରେ ୬୭୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଞ୍ଚଳବାସୀ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ।

**ପୁରୁଷ ବର୍ଗରେ ଅଶୋକ ଓ ମହିଳାରେ ପିଙ୍କି ପ୍ରଥମ**

# ‘ସ୍ୱଚ୍ଛ ପରିବେଶ ପର୍ଯ୍ୟଟନର ବିକାଶ’ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୫।୧(ସମିସ): ଜାତୀୟ ପର୍ଯ୍ୟଟନ ଦିବସ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଗୋପାଳପୁର ବେଳାଭୂମିରେ "ସ୍ୱଚ୍ଛ ପରିବେଶ ପର୍ଯ୍ୟଟନର ବିକାଶ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ବାହିନୀ ଓ ଭିକ୍ଟରି ଏକାଡେମୀ ଅଫ ମାର୍ଶଲ ଆର୍ଟର ମିଳିତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ପୂର୍ବରୁ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ସଭାପତି ଶିବରାମ ପାଣିଗ୍ରାହୀ, କଟ୍ ବି




ଉଦ୍ୟମରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସଚେତନତା ବୃଦ୍ଧି କରିବା ଏହି ସତୀଶ କୁମାର ରାଓ, ଏ ପ୍ରକାଶ, ଅନିଲ ଚୌଧୁରୀ, ରବୀନ୍ଦ୍ର ସାହାଣୀ, ପି ବିନୋଦ, ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।







## ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



ଟିକାବାଲି,୨୫।୧(ସମିସ): ଟିକାବାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଘବ ମଲ୍ଲିକ ଏହାକୁ ଉଦଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଆଇଟି ଟିକାବାଲିର ଅଧ୍ୟକ୍ଷ ଡ଼. ଶିବ ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଉପଦେଷ୍ଟା ସନ୍ତୋଷ କୁମାର ଦଳବେହେରା, ସରୋଜ କୁମାର ସାହୁ, ବିଦ୍ୱତ୍ ପରିଷଦ ସଭାପତି ବନମାଳୀ ବେହେରା, ପଦ୍ମ ଚରଣ ହୋତା ଏବଂ ଦେବେଶ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ମା'ମାନଙ୍କ ମଧ୍ୟରେ ଝୋଟି, ବେଲୁନ୍ ଫୁଙ୍କା ଏବଂ ମ୍ୟୁଜିକ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୧୩୨ ଜଣ ମା' ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ତିଳ ସପ୍ତମୀରେ ପଞ୍ଚ ମହାଯଜ୍ଞ

# ସୂର୍ଯ୍ୟ ଦର୍ଶନ ପାଇଁ ଡଡା ପାହାଡ଼ରେ ଭିଡ଼

ଜି.ଉଦୟଗିରି,୨୫।୧(ସମିସ)



ତିଳ ସପ୍ତମୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଡଡା ପାହାଡ଼ ଶିଖରରେ ଜି.ଉଦୟଗିରି, ଟିକାବାଲି, ରାଇକିଆ ଓ ବିଭିନ୍ନ ଅଞ୍ଚଳରୁ ଲୋକେ ପହଞ୍ଚି ସୂର୍ଯ୍ୟ ଦର୍ଶନ କରିଛନ୍ତି। ପବିତ୍ର ମାଘ ଶୁକ୍ଳ ସପ୍ତମୀ ଉପଲକ୍ଷେ ଡଡାପଡ଼ା ଗ୍ରାମରେ ବିଶ୍ୱଶାନ୍ତି ତିଳ ସପ୍ତମୀ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଅମୃତମିଳନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଅବସରରେ ସୂର୍ଯ୍ୟ ଦର୍ଶନ କରିବାକୁ ଶ୍ରଦ୍ଧାଳୁ ଶନିବାରରୁ ପ୍ରସ୍ତୁତ ହୋଇ କଳିନାୟୁ ଘାଇ ନିକଟ ବାସୁଦେବପୁର ପାହାଡ଼ ଓ ଡଡା ପାହାଡ଼ ଉପର ଶିଖରରେ ପହଞ୍ଚିଥିଲେ। ରବିବାର ସକାଳ ୬ଟା ୨୬ ମିନିଟରେ ସୂର୍ଯ୍ୟ ଦର୍ଶନ କରିଥିଲେ। ଡଡ଼ା ପାହାଡ଼ କନ୍ଧମାଳ ଜିଲ୍ଲାର ଉଚ୍ଚତମ ପର୍ବତ ହୋଇଥିବାରୁ ପ୍ରତିବର୍ଷ ଏହିଦିନ ସୂର୍ଯ୍ୟ ଦର୍ଶନ କରିବାକୁ ରାତି ୩ଟାରୁ ଲୋକେ ପାହାଡ଼ ଚଢୁଥିବା ଦେଖାଯାଏ। ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ଦର୍ଶନ ପରେ ହୁଳହୁଳି ଦେଇ ମୁଣ୍ଡିଆ ମାରିଥିଲେ ଏବଂ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ। ଏହାପରେ ଭଞ୍ଜ ରାଜାଙ୍କ ଗୁମ୍ଫା ବୁଲି ଦେଖିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶିଖରକୁ ଯିବା ଆସିବା ପାଇଁ ରାସ୍ତା ଘାଟର ସୁବ୍ୟବସ୍ଥା ନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

## କାମ କରୁନି ମୋବାଇଲ ନେଟ୍‌ୱର୍କ; ଗ୍ରାହକ ହନ୍ତସନ୍ତ

ଧରାକୋଟ,୨୫।୧(ସମିସ): ଧରାକୋଟ ଅଞ୍ଚଳରେ ଦୀର୍ଘଦିନରୁ ଜିଓ, ଭୋଡାଫୋନ, ବିଏସଏନଏଲ, ଏୟାରଟେଲ ନେଟ୍‌ୱାର୍କ ଠିକ୍ ଭାବରେ କାମ କରୁନାହିଁ। ଏଣୁ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଛି। ଯାହା ଫଳରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକର ଅନ୍‌ଲାଇନ କାମ ହୋଇପାରୁନାହିଁ। ଏଣୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ, ତହସିଲ, ଥାନା, ଅନୁନିବନ୍ଧକ କାର୍ଯ୍ୟାଳୟ, ବ୍ୟାଙ୍କ, ପୁଲିସ ଥାନା, ଗ୍ରାହକ ସେବାକେନ୍ଦ୍ର, ଧାନମଣ୍ଡି ସବୁଠି ସର୍ଭର ଡାଉନ୍ ରହୁଥିବାରୁ ସମସ୍ତ କାର୍ଯ୍ୟ ସମୟ ସାପେକ୍ଷ ହେଉଛି। ଦୂରଦୂରାନ୍ତରୁ ଲୋକେ ସରକାରୀ କାର୍ଯ୍ୟ ପାଇଁ ଆସି ନିରାଶାରେ ଫେରୁଛନ୍ତି। ନେଟ୍‌ୱାର୍କ ଠିକ ଭାବେ ରହୁନଥିବାରୁ ଖୁବ୍ କମ ସମୟରେ କଲ୍ କଟ୍ସେ ସହ ଏକକାଳୀନ ଏକାଧିକ ମେସେଜ ଆସୁଛି। ବିଶେଷ କରି ବିଭିନ୍ନ ସରକାରୀ ଚାକିରି, ପରୀକ୍ଷା ପାଇଁ ଆବେଦନ ଓ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି। ବିଭିନ୍ନ ମୋବାଇଲ କମ୍ପାନୀ ଗ୍ରାହକମାନଙ୍କ ଠାରୁ ଚଢ଼ା ଦରରେ ରିଚାର୍ଜ ପାଇଁ ଅର୍ଥ ନେଉଥିଲେ ମଧ୍ୟ ସେହି ଅନୁପାତରେ ସେବା ପ୍ରଦାନ କରୁନାହାନ୍ତି। ଯାହାକୁ ନେଇ ଗ୍ରାହକ ମହଲରେ ଅସନ୍ତୋଷ ସୃଷ୍ଟି ହେଉଛି।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଭାପତିଙ୍କ ନାମ ଘୋଷଣା

ପାରଳାଖେମୁଣ୍ଡି,୨୫।୧(ସମିସ): ଗଜପତି ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ଲେଙ୍କା ସୀମାଦ୍ରୀ ଓ ଛାତ୍ର ବିଜେଡି ସଭାପତି ଭାବେ ବିଶ୍ୱଜିତ୍ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି। ଆଜି ଏନେଇ ବିଜେଡି ସଭାପତି ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟାଳୟ ଆଦେଶ ପ୍ରକାଶିତ ଚିଠି ପ୍ରକାରେ ଜଣାପଡିଛି। ଏନେଇ ଉଭୟେ ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଏପରି ଗୁରୁଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି କହିଛନ୍ତି। ପ୍ରକାଶ ଯେ ଗଜପତି ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶ୍ରୀ ତ୍ରିପାଠୀ ତିନିଥର ଛାତ୍ର ସଭାପତି ଭାବେ ଚୟନ ହୋଇଛନ୍ତି। ସେହିପରି ଲେଙ୍କା ସୀମାଦ୍ରି ଦୀର୍ଘ ବର୍ଷ ଧରି ବିଜେଡିରେ ଜଣେ କର୍ମକର୍ତ୍ତା ଭାବେ ରହିଆସିଥିବା ବେଳେ ଚଳିତ ଥର ଯୁବ ବିଜେଡି ସଭାପତି ଭାବେ ଚୟନ ହୋଇଛନ୍ତି। ଉଭୟଙ୍କୁ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଜିଲ୍ଲା ବିଜେଡି ନେତୃବୃନ୍ଦଙ୍କ ସମେତ ସମସ୍ତ ନେତା ଓ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।



ଲେଙ୍କା ସୀମାଦ୍ରୀ ଯୁବ ଓ ବିଶ୍ୱଜିତ ଛାତ୍ର ବିଜେଡି ସଭାପତି

## ଖ୍ରୀଷ୍ଟିୟ ସମ୍ମିଳନୀରେ ଯୋଗଦେଲେ ବିଧାୟକ

ପାରଳାଖେମୁଣ୍ଡି,୨୫।୧(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀ ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଟୁଂକୁରପଲ୍ଲୀରେ ସୌରା ବାପଟିଷ୍ଟ ଓ ତରଙ୍ଗଡାରେ ଉତ୍କଳ ବାପଟିଷ୍ଟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୀଶୁଙ୍କ ପ୍ରତ୍ୟେକ ବାଣୀକୁ ସଂସ୍କାର ଓ ବିକାଶ ଦିଗରେ ଆଣି ସମାଜରେ ନିଜକୁ ପ୍ରତିଷ୍ଠା କରିବା, ତୃଣମୂଳ ସ୍ତରରେ ରହି ସେମାନେ ବିକାଶର ବିଭିନ୍ନ ଦିଗପ୍ରତି ସମ୍ବେଦନଶୀଳ ହେବାପାଇଁ ଆହ୍ୱାନ କରିଥିଲେ। ସେହିଭଳି ତରଙ୍ଗଡାରେ ୫୧ତମ ଉତ୍କଳ ବାପଟିଷ୍ଟ ମହିଳା ସଂଘରେ ଅତିଥି ରୂପେ ଯୋଗଦାନ କରି ପ୍ରତ୍ୟେକ ମହିଳାଙ୍କୁ ସଶକ୍ତିକରଣ ହେବା ପାଇଁ କହିଥିଲେ। ଉଭୟ ସମାବେଶରେ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।



## ଗଜପତି ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜ ବୈଠକ

## ପଦବିରୁ ୩ ବହିଷ୍କୃତ

ପାରଳାଖେମୁଣ୍ଡି,୨୫।୧(ସମିସ): ଗଜପତି ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜର ଜିଲ୍ଲାସ୍ତରୀୟ ଏକ ଜରୁରୀ ବୈଠକ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବନଦୁର୍ଗା ମନ୍ଦିର ନିକଟରେ ଜିଲ୍ଲା ସଭାପତି ଖଦାଳ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଉପସଭାପତି କୈଳାସ ଚନ୍ଦ୍ର ମହାଙ୍କୁଡ, ଜିଲ୍ଲା ସହସମ୍ପାଦକ ସୁର୍ଯ୍ୟନାରାୟଣ ମହାଙ୍କୁଡ-ବୁଡୁ, ପାରଳାଖେମୁଣ୍ଡି ନଗର ସଭାପତି ରଘୁନାଥ ମହାଙ୍କୁଡଙ୍କୁ ପଦରୁ ସହମତି କ୍ରମେ ବହିଷ୍କୃତ କରାଯାଇଥିଲା। ସେମାନେ କୌଣସି କୌଳିକ ପ୍ରମାଣପତ୍ର ଆଗାମୀ ଦିନରେ ଦେଇପାରିବେ ନାହିଁ କି ସେମାନେ ଦେଲେ ମଧ୍ୟ ସମାଜରେ ଗ୍ରହଣ କରାନଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଆଲୋଚନା ହୋଇଥିବା ସହ ଗଜପତି ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜକୁ କିପରି ମଜଭୁତ କରାଯାଇପାରିବ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ଉପଦେଷ୍ଟା କୃଷ୍ଣଚନ୍ଦ୍ର ଡୋରା, ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ, ଜିଲ୍ଲା ଉନ୍ନୟନ କମିଟି ସଭାପତି ବିଜୟ କୁମାର ଗୌଡ, ଜିଲ୍ଲା ଉନ୍ନୟନ କମିଟି କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାଙ୍କୁଡ, ଜିଲ୍ଲା ଉନ୍ନୟନ କମିଟି ସମ୍ପାଦକ ସୁର୍ଯ୍ୟ ନାରାୟଣ ମହାଙ୍କୁଡ, ଗୁମ୍ମା ତାଲୁକା ସଭାପତି ତାରେଣି ଗୌଡ, ରାୟଗଡ ତାଲୁକା ସଭାପତି ଅର୍ଜୁନ ଗୌଡ, ରା.ଉଦୟଗିରି ତାଲୁକା ସଭାପତି ସୁବାସ ଗୌଡ, ବାଡିଲି ତାଲୁକା ସଭାପତି ଜ୍ଞାନେଶ୍ୱର ଗୌଡଙ୍କ ସହ ଶିଶିର ଗୌଡ, ପ୍ରଦୀପ କୁମାର ବେହେରା, ଭେଙ୍କେଟେଶ୍ୱର ମହାଙ୍କୁଡ ଏବଂ ଜିଲ୍ଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଶିଶୁ ମନ୍ଦିରର ନିଷ୍କ୍ରମଣ ଉତ୍ସବ

ରମ୍ଭା,୨୫।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନିଷ୍କ୍ରମଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜବାହରଲାଲ ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଗୁରୁଜୀ ସତ୍ୟ ନାରାୟଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଏମ. ନରସିଂହ ସୁବୁଦ୍ଧି, ପୂର୍ବତନ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ରଥ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଆଗାମୀ ବୋର୍ଡ ପରୀକ୍ଷା ଭଲ ନମ୍ବର ରଖିବା ନିମନ୍ତେ ଉତ୍ସାହ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଆଶୀର୍ବଚନ ପ୍ରଦାନ କରିଥିଲେ। ବୀଣାପାଣି ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଗୁରୁମା କିରଣ ମାଳା ସାହୁ ଉଦଘୋଷକ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ

## ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ଭୟରେ ଭୋଟ ଦେବାକୁ ଆହ୍ୱାନ



ପାରଳାଖେମୁଣ୍ଡି,୨୫।୧(ସମିସ): ଗଜପତି ଜିଲ୍ଲାସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ରବିବାର ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଫାଲ୍‌ଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀ, ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଓ ନିର୍ବାଚନ ବିଭାଗ ଅଧିକାରୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଗଣତନ୍ତ୍ରର ସୁରକ୍ଷା ଲାଗି ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖି ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଏବଂ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ପ୍ରୋତ୍ସାହିତ କରିଥିଲେ। ଜାତୀୟ ଭୋଟର ଦିବସ ଅବସରରେ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ଓ ଗୋଶାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେହିପରି ନୂଆ ଭୋଟର ଯୁବକ ଯୁବତୀଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା

ରମ୍ଭା,୨୫।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। କର୍ତ୍ତା ଭାବେ ମାନସ କୁମାର ପଟ୍ଟନାୟକ ଓ ସାଗରିକା ପଟ୍ଟନାୟକ ଯୋଗଦେଥିଲେ। ସଭାପତି ଏମ. ନରସିଂହ ସୁବୁଦ୍ଧି ଉପଦେଷ୍ଟା, ମହେନ୍ଦ୍ର କୁମାର ସେନାପତି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ରାମଚନ୍ଦ୍ର ବାଡତ୍ୟା, ଅମୂଲ୍ୟ କୁମାର ସେନାପତି, କୋଷାଧ୍ୟକ୍ଷ ଡି. ପଦ୍ମଲୋଚନ ଆଚାରୀ, ସହ ସମ୍ପାଦକ ଶ୍ରୀନିବାସ ସାହୁ, ପୂର୍ବତନ ପ୍ରଧାନଚାର୍ଯ୍ୟ ଗିରିଜାପ୍ରସାଦ ରଥ, ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନ ଉପସ୍ଥିତ ଥିଲେ।

## ଜିରିମୟ ପ୍ରଧାନ ହେଲେ ବ୍ଲକ କଂଗ୍ରେସ ସଭାପତି

ବ୍ରାହ୍ମଣୀଗାଁ,୨୫।୧(ସମିସ): କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ନୂତନ ବ୍ଲକସ୍ତରୀୟ ସଭାପତିଙ୍କ ନାମ ଘୋଷଣା ହୋଇଯାଇଛି। ଏହି ଘୋଷଣା ଅନୁସାରେ ଦାରିଙ୍ଗବାଡି ବ୍ଲକ କଂଗ୍ରେସ ସଭାପତି ଭାବେ ଜିରିମୟ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଜିରିମିୟଙ୍କ ନିଜ ଗ୍ରାମ ବ୍ରାହ୍ମଣୀଗାଁ ଥାନା ଅର୍ନ୍ତଗତ ସିକବାଡ଼ି। ସଭାପତି ହେବାପରେ ଜିରିମୟ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା, କଂଗ୍ରେସ ପ୍ରଦେଶ ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଜିଲ୍ଲା ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସମ୍ମାନିତ ହେଲେ ବିଡିଓ




ଦାରିଙ୍ଗବାଡି,୨୫।୧(ସମିସ): କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ପାଳନ ହୋଇଥିଲା। ଏହି ଅବସରରେ ଜି. ଉଦୟଗିରି ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ୪ ବ୍ଲକ ମଧ୍ୟରେ ନିର୍ବାଚନ ସମ୍ବନ୍ଧୀୟ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦାରିଙ୍ଗବାଡି ବ୍ଲକ ସମ୍ମାନିତ ହୋଇଥିଲା। ଦାରିଙ୍ଗବାଡି ବିଡ଼ିଓ ପ୍ରୀତି ରଞ୍ଜନ ରଥଙ୍କ ସମେତ ଅନ୍ୟ ୨ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ବିଡ଼ିଓ ଶ୍ରୀରଥ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭାବେ ନିର୍ବାଚନ ସମ୍ବନ୍ଧୀୟ ଭଲ କାର୍ଯ୍ୟ କରିଥିବା ବେଳେ ବିଏଲଓ ଭାବେ ଶିକ୍ଷକ ସଂଗ୍ରାମ ନାୟକ ଓ ସୁପରଭାଇଜର ଭାବେ ଶିକ୍ଷକ ରାକେଶ ସାହୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇ ସିଲ ପ୍ରଦାନ କରାଯାଇଥିଲା। ଏଡ଼ିଏମ ରମେଶ ଜେନା, ଏଡିଏମ ଜେନେରାଲ କୁଶଳ ଚନ୍ଦ୍ର ନାୟକ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ସମ୍ମାନିତ କରିଥିଲେ।

## ଶୀତକାଳୀନ ଶିବିର ଅନୁଷ୍ଠିତ

ଭଞ୍ଜନଗର,୨୫।୧(ସମିସ): କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସାପ୍ତାହିକ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିର ଷଷ୍ଠ ଦିବସର ସ୍ୱାସ୍ଥ୍ୟ ପରୀକ୍ଷଣ ବ୍ୟବସ୍ଥା କରାଯାଇଥିଲା। ବେଲଗୁଣ୍ଠା ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ୧୦ ଜଣିଆ ମେଡିକାଲ୍ ଷ୍ଟାଫ ପର୍ଶୁଲୁଣ୍ଡା ଗ୍ରାମରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଗ୍ରାମର ୨ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକର୍ମରେ ୫୦ ଜଣ ସ୍ୱେଚ୍ଛାସେବୀ ମେଡିକାଲ ଷ୍ଟାପ ଓ ଲୋକ ମାନଙ୍କୁ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗିରିଧର ନାୟକ ଶିବିର ପରିଚାଳନା କରିଥିଲେ। ଅଧାପକ ଡ଼. ରବିନାରାୟଣ ପାତ୍ର ଓ ଜାତୀୟ ସେବା ଯୋଜନାର ଅଧିକାରୀ ସୀମାଞ୍ଚଳ ମହାନ୍ତି ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ।

## ପୁରୁଷୋତ୍ତମପୁର ହିନ୍ଦୁ ସମ୍ମିଳନୀ

ପୁରୁଷୋତ୍ତମପୁର,୨୫।୧(ସମିସ): ପୁରୁଷୋତ୍ତମପୁର ରଥ ସାହି ଜଗନ୍ନାଥ ମନ୍ଦିର ପରିସରରେ ବିଶାଳ ହିନ୍ଦୁ ସମ୍ମିଳନୀ ରାଜ୍ୟ ସାଗରପୁତ୍ର ଜାଗରଣ ପୂର୍ବପ୍ରାପ୍ତ ସମ୍ପାଦକ ପ୍ରତାପ ଚନ୍ଦ୍ର ଦାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଷୋତ୍ତମପୁର ସହର ପରିକ୍ରମା କରାଯାଇଥିଲା। ଏଥିରେ ଆରଏସ୍‌ଏସ୍‌ର ବିଭାଗ ସଂଘ ଚାଳକ ଡ.ଭଗବାନ ତ୍ରିପାଠୀ, ଜିଲ୍ଲା ପ୍ରଚାରକ ରଶ୍ମୀରଞ୍ଜନ ମହାଙ୍କୁଡ଼, ଜୟଗୁରୁ ବ୍ରଜକିଶୋର ଦାଶ, ହରିକୃଷ୍ଣର ବ୍ରଜଗୋବିନ୍ଦ ଦାଶ, ଓମ୍ ଶାନ୍ତି ପକ୍ଷରୁ ଶାନ୍ତିଲତା ପଣ୍ଡା ପ୍ରମୁଖ ଯୋଗଦେଇ ହିନ୍ଦୁମାନେ ଏକାଠି ହୋଇ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ପୂର୍ବତନ ଏମ୍‌ପି କୁମୁଦିନୀ ପଟ୍ଟନାୟକ ଯୋଗଦେଇଥିଲେ। ଏହାକୁ ପୁରୁଷୋତ୍ତମପୁର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ନିତ୍ୟାନନ୍ଦ ମହାପାତ୍ର, ଜଜ୍ଞନାରାୟଣ ପାତ୍ର, ଦୀନବନ୍ଧୁ ବେହେରା, ଇ ରମେଶ ଦୋରା, ଅକ୍ଷୟ କୁମାର ବେହେରା, ସୁଶାନ୍ତ କୁମାର ବେହେରା ପ୍ରମୁଖଙ୍କ ସମେତ ସମଫ ଆରଏସ୍‌ଏସ୍ କାର୍ଯ୍ୟ କର୍ତ୍ତାମାନେ ପରିଚାଳନା କରିଥିବାବେଳେ ଶହଶହ ସଂଖ୍ୟାରେ ହିନ୍ଦୁ ଯୋଗ ଦେଇଥିଲେ।

## ଗାଁ ଗାଁରେ ବୁଲୁଛି ବାସୁଆ ବଳଦ; ଦେଉଛି ଆଶୀର୍ବାଦ

କୁକୁଡାଖଣ୍ଡି,୨୫।୧(ସମିସ)



ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଓଡ଼ିଆ ଲୋକସଂସ୍କୃତିର ଏକ ପୁରାତନ ଓ ଆସ୍ଥାପୂର୍ଣ୍ଣ ପରମ୍ପରା "ବାସୁଆ ବଳଦ' ପୁଣିଥରେ ଦେଖାଦେଇ ଲୋକମାନଙ୍କ ମନକୁ ଆକର୍ଷିତ କରିଛି। ପର୍ବପର୍ବାଣି ସମୟରେ ଶୃଙ୍ଗାରିତ ବାସୁଆ ବଳଦ ଗାଁ ଗାଁ ଘୁରି ଲୋକଙ୍କୁ ଆଶୀର୍ବାଦ ଦେଉଥିବା ଦୃଶ୍ୟ ଗ୍ରାମାଞ୍ଚଳରେ ଆଜିବି ଦେଖିବାକୁ ମିଳୁଛି।ଏହି କ୍ରମରେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବୁରିଗାଁ ପଞ୍ଚାୟତର ବି. ଜଗନ୍ନାଥପୁର ଗ୍ରାମରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ମକର ପର୍ବ ଉପଲକ୍ଷେ ପରମ୍ପରାନୁସାରେ ଶୃଙ୍ଗାରିତ ବାସୁଆ ବଳଦକୁ ଗାଁ ଗାଁ ବୁଲାଯାଇଥିଲା। ରଙ୍ଗିନ କପଡ଼ା, ଘଣ୍ଟି, ମାଳା ଓ ମୁକୁଟରେ ସଜିଥିବା ବାସୁଆ ବଳଦକୁ ଦେଖିବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଭକ୍ତିଭାବ ପ୍ରକାଶ ପାଇଥିଲା। ଲୋକ ବିଶ୍ୱାସ ଅନୁସାରେ ବାସୁଆ ବଳଦ ଭଗବାନ ଶିବଙ୍କ ନନ୍ଦିଙ୍କ ପ୍ରତୀକ ହୋଇଥିବାରୁ ଏହାଙ୍କୁ ପୂଜା କଲେ ଘରର ସମସ୍ୟା ଦୂର ହୁଏ, ଫସଲ ଭଲ ହୁଏ ଏବଂ ପରିବାରରେ ସୁଖ ସମୃଦ୍ଧି ବିରାଜ କରେ ବୋଲି ଲୋକେ ବିଶ୍ୱାସ କରନ୍ତି। ବାସୁଆ ବଳଦ ଗ୍ରାମରେ ପହଞ୍ଚିଲେ ଲୋକେ ଧାନ, ଚାଉଳ, ନଡ଼ିଆ ଓ ଅର୍ଥଦାନ କରି ଭକ୍ତିଭାବରେ ତାଙ୍କର ଆଶୀର୍ବାଦ ଗ୍ରହଣ କରୁଥିଲେ। ମକର ପର୍ବ ସମୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମରେ ଏହି ପରମ୍ପରା ଦେଖାଯାଉଥିବା ବେଳେ, ଏହା ଚାଷ, ପଶୁଧନ ଓ ସମଗ୍ର ଗ୍ରାମର ମଙ୍ଗଳ କାମନା ସହ ଗଭୀର ଭାବେ ଜଡିତ ରହିଛି। ଆଧୁନିକତାର ପ୍ରଭାବରେ ଏପରି ଲୋକଧର୍ମୀୟ ପରମ୍ପରା କ୍ରମେ କମିଯାଉଥିବା ସତ୍ତ୍ୱେ ଗଞ୍ଜାମର କିଛି ଅଞ୍ଚଳରେ ଏହା ଆଜି ବି ଜୀବନ୍ତ ରହିଥିବା ଦେଖି ସଂସ୍କୃତିପ୍ରେମୀମାନେ ଖୁସି ପ୍ରକାଶ କରିଛନ୍ତି। ଏହି ନିଆରା ଲୋକ ପରମ୍ପରାକୁ ସୁରକ୍ଷା ଓ ସଂରକ୍ଷଣ କରି ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସଂସ୍କୃତି ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ



ଛତ୍ରପୁର,୨୫।୧(ସମିସ): ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ-୨୦୨୬ ଛତ୍ରପୁର ସ୍ଥିତ ଜିଲ୍ଲାପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଯୋଗଦେଇ ଜାତୀୟ ମତଦାତା ଦିବସର ମହତ୍ତ୍ୱ ଓ ମତଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଡେପୁଟି ବିଏମସି କମିଶନର, ବ୍ରହ୍ମପୁର କଲ୍ୟାଣୀ ସଂଘମିତ୍ରା ଯୋଗଦେଇ ଛାତ୍ରଛାତ୍ରୀ ଓ ବୁଥ ସ୍ତରୀୟ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ। ଡେପୁଟି କଲେକ୍ଟର, ନିର୍ବାଚନ ଅରୁଣ କୁମାର ଖଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବିଦ୍ୟାଳୟର ବାର୍ଷିକ ଉତ୍ସବ**

# 'ଶିଶୁଙ୍କ ଭବିଷ୍ୟତ ନଷ୍ଟ କରୁଛି ମୋବାଇଲ'

## ଉନ୍ନୟନ ପାଇଁ ବିଧାୟକଙ୍କ ୧୦ ଲକ୍ଷ ଟଙ୍କା ଘୋଷଣା




କୁକୁଡାଖଣ୍ଡି, ୨୫ ।୧(ସମିସ): ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିରର ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ବିଦ୍ୟାଳୟ ପାଚେରୀ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରିଥିଲେ । ମୋବାଇଲ ଜାଲରେ ଶିଶୁ ମାନେ ଏକ ପ୍ରକାର ଛନ୍ଦି ହୋଇଥିବାବେଳେ ଏହା ସେମାନଙ୍କ ଭବିଷ୍ୟତ ନଷ୍ଟ କରୁଛି ବୋଲି ବିଧାୟକ କହିଥିଲେ । ସମ୍ମାନିତ ଅତିଥି ଭାବେ କୁକୁଡାଖଣ୍ଡି ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ଯୋଗଦେଇ ଶିଶୁ ମାନଙ୍କ ଶିକ୍ଷା ସହ ସଂସ୍କାର ଓ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ସଭାପତି ଶତ୍ରୁଘ୍ନ ମହାରଣା, ମୁଖ୍ୟବକ୍ତା ତାରା ପ୍ରସାଦ ଦାସ (ଦକ୍ଷିଣପୂର୍ବ ସମ୍ଭାବ) ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ବିଶୋଇ ଓ ସମ୍ପାଦକ ବି. ଶିବାଜୀ ପାତ୍ର ମଞ୍ଚାସୀନ ଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହାସହ କୁକୁଡାଖଣ୍ଡି ଅଞ୍ଚଳର ସମସ୍ତ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ ।

**ଗଞ୍ଜାମ ଷ୍ଟେସନ୍‌ରେ ପୁରୀ-ତିରୁପତି ଏକ୍ସପ୍ରେସ୍ ରହଣି ଦାବି**

# ଆଲୋଚନା ପରେ ରେଳରୋକ ନିଷ୍ପତ୍ତି ସ୍ଥଗିତ

ଗଞ୍ଜାମ, ୨୫ ।୧(ସମିସ)

ଗଞ୍ଜାମ ରେଳଷ୍ଟେସନ୍‌ରେ ପୁରୀ-ତିରୁପତି ଏକ୍ସପ୍ରେସ୍ ରହଣି ଦାବିରେ ଆସନ୍ତାକାଲି ୨୬ ତାରିଖରେ ହେବାକୁ ଥିବା ରେଳରୋକ ଆନ୍ଦୋଳନ ନେଇ ରେଳ ବିଭାଗ ଅଧିକାରୀଙ୍କ ଆଲୋଚନା ପରେ ସ୍ଥଗିତ ରହିଥିବା ନେଇ ଅଞ୍ଚଳବାସୀଙ୍କ ତରଫରୁ କୁହାଯାଇଛି । ସେମାନେ ଦର୍ଶାଇଛନ୍ତି ପ୍ରଧାନ ଗଞ୍ଜାମ ଷ୍ଟେସନ ଆସି ଏହି ଦାବି ଯଥାର୍ଥ । ଗଞ୍ଜାମ ଜିଲ୍ଲା ଅନୁସାରେ ଗଞ୍ଜାମ ସହର ଅନୁସାରେ ଗଞ୍ଜାମ ଜିଲ୍ଲା ହୋଇଥିବା ବେଳେ, ଏଠାରେ ପୂର୍ବରୁ ଏହି ଟ୍ରେନ ରହୁଥିବା ଦୃଷ୍ଟିରୁ ଏଠାରେ ଟ୍ରେନ ରଖାଯାଉ ବୋଲି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ । ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆନ୍ଦୋଳନ ନକରିବାକୁ ଅନୁରୋଧ କରିଥିଲେ । ଯାହାଫଳରେ ଆସନ୍ତା କାଲି ତଥା ୨୬ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଆଞ୍ଚଳବାସୀ କହିଛନ୍ତି । ମାର୍ଚ୍ଚ ପ୍ରଥମ ସପ୍ତାହରେ ଟ୍ରେନ ନରହିଲେ, ମାର୍ଚ୍ଚ ୦୯ ତାରିଖରେ ରେଳରୋକ କରାଯିବ ବୋଲି ଆଞ୍ଚଳବାସୀ କହିଛନ୍ତି । ଗତ ୨୦୨୫ ମସିହା ଫେବୃୟାରୀ ମାସରେ ପୁରୀ -ତିରୁପତି ଏକ୍ସପ୍ରେସ୍ ରହଣି ଦାବି ନେଇ ଗଞ୍ଜାମ ବରିଷ୍ଠ ନାଗରିକ ସଂଘ ଓ ଅଞ୍ଚଳବାସୀ ପୂର୍ବତଟ ରେଳପଥର ଜେନେରାଲ୍ ମ୍ୟାନେଜର୍ ପରମେଶ୍ୱର ଫୁଙ୍କୱାଲ୍ ଓ ଡିଆରଏମ୍ ଏଚ୍.ଏସ୍. ବାଜୱାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ତଥାପି ଫଳପ୍ରଦ ହୋଇନଥିଲା । ଏନେଇ ବ୍ରହ୍ମପୁର ସାଂସଦ, ଛତ୍ରପୁର ବିଧାୟକଙ୍କୁ ଅବଗତ କରାଇଛନ୍ତି, ବରିଷ୍ଠ ନାଗରିକ ସଙ୍ଘ ଓ ଅଞ୍ଚଳବାସୀ । ଯାହା ଫଳରେ ରେଳରୋକ ଚଳିତମାସ ୨୬ ତାରିଖରେ କରିବେ ବୋଲି ଲିଖିତ ଚେତାବନୀ ଦେଇଥିଲେ ।

# ଦୁଇଦିନିଆ ଜାତୀୟ ପାଠଚକ୍ର ଉଦ୍‌ଯାପିତ

ପାତ୍ରପୁର, ୨୫ ।୧(ସମିସ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତପତି ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ ମହାବିଦ୍ୟାଳୟ ଅଧକ୍ଷ ଡ଼. ଗିରିଶ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଦୁଇଦିନିଆ ଜାତୀୟ ପାଠଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି । 'ଦକ୍ଷିଣ ଓଡ଼ିଶା ଉପନିବେଶବାଦୀ ଆଦିବାସୀ ଆନ୍ଦୋଳନ' ଶୀର୍ଷକ ଉପରେ ଆୟୋଜିତ ପାଠଚକ୍ରକୁ ପ୍ରଥମ ଦିବସରେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦଘାଟନ କରିଥିଲେ । ଜାତୀୟ ପାଠଚକ୍ରରେ ଉପସ୍ଥିତ ବକ୍ତା ଓ ଆଲୋଚକମାନେ ଦକ୍ଷିଣ ଓଡ଼ିଶାରେ ଉପନିବେଶବାଦୀ ଆଦିବାସୀ ଆନ୍ଦୋଳନରେ ବୀର ଆଦିବାସୀଙ୍କ ବଳିଷ୍ଠ ଅବଦାନକୁ ସ୍ମରଣ କରିଥିଲେ । ଆଦିବାସୀ ମାନେ ସ୍ୱାଧୀନତାର ସୂତ୍ରଧର ବୋଲି ପ୍ରକାଶ କରିଥିଲେ । ଆୟୋଜିତ ପାଠଚକ୍ରରେ ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼. ରାମଚନ୍ଦ୍ର ମିଶ୍ର, ବିଷୟବସ୍ତୁ ସମ୍ବଳିତ ବକ୍ତା ଭାବେ ମହାରାଷ୍ଟ୍ର ପୁନେରୁ ଆସିଥିବା ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ଼. ହରିହର ପଣ୍ଡା, ମୁଖ୍ୟବକ୍ତା ଭାବେ ଡ଼. ଶ୍ୟାମାପ୍ରସାଦ ମିଶ୍ର, ବ୍ରହ୍ମପୁର ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ନାରାୟଣ ବେହେରା, ଓଡ଼ିଶା ଭାଷା ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରମୁଖ ଯୋଗଦେଇ ପାଠଚକ୍ରର ଆଲୋଚ୍ୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ତିମ ଦିବସରେ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ନିଜର ଓଜସ୍ୱିନୀ ବକ୍ତବ୍ୟରେ ପାଠଚକ୍ରକୁ ଆକର୍ଷିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. ଦେବରାଜ ସ୍ୱାଇଁ, ଡ଼. ସୁଶାନ୍ତ କୁମାର ଦାସ, ଡ଼. ଶିବ ପ୍ରସାଦ ଦାସ, ରାଜେନ୍ଦ୍ର କୁମାର ବିଷୋୟୀ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ଚଳଣୀ, ପରମ୍ପରା ଓ ଇତିହାସ ସମ୍ପର୍କରେ କହିଥିଲେ । ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡ଼. ରମେଶ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ଜିଷ୍ଣୁ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରଛାତ୍ରୀ ପାଠ ଚକ୍ରରେ ଉପସ୍ଥିତ ରହିବା ସହ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ ।

# ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗୃହୀତ

ଆସିକା, ୨୫ ।୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଭାଗୃହରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଚିକିତ୍ସା ପ୍ରଭାଗ ଦ୍ୱାରା ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆୟୋଜିତ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଆସିକା ଆଦର୍ଶ ପୁଲିସ ଷ୍ଟେସନର ଭାରପ୍ରାପ୍ତ ଥାନା ଅଧିକାରୀ କୁଳମଣି ସେଠୀ, ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ମଙ୍ଗୁଳୁଧର ସାହୁ, ଅବସରପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ଡା ଶ୍ୟାମଘନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ରଥ, ଶିକ୍ଷକନେତା ଦେବହରି ମହାନ୍ତି ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍‌ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଚିନ୍ମୟ ରଞ୍ଜନ ସ୍ୱାଇଁ । ଶାନ୍ତିଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ପଚାଶ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍‌ର ସମସ୍ତ କର୍ମଚାରୀ ତଥା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀ ଭାଇ ସହଯୋଗ କରିଥିଲେ ।

# ରାଜା ସୀମାଞ୍ଚଳଙ୍କୁ ମିଳିବ ପଦ୍ମଶ୍ରୀ



ଦିଗପହଣ୍ଡି/ପାତ୍ରପୁର, ୨୫।୧(ସମିସ): ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ବଡ଼ସାହିର ପୌରାଣିକ ପ୍ରହ୍ଲାଦ ନାଟକର ହିରନ୍ୟକଶ୍ୟପ ରଜା ଭୂମିକାରେ ଅଭିନୟ କରୁଥିବା ନିର୍ଦ୍ଦେଶକ (ଗୁରୁ) ସୀମାଞ୍ଚଳ ପାତ୍ର(୯୭) ଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଛନ୍ତି । ତାଙ୍କୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରିବେ । ଖବର ପ୍ରଚାରିତ ପରେ ସମଗ୍ର ଦିଗପହଣ୍ଡି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବମୋକେଇ ଗ୍ରାମର ସୁର ପାତ୍ର ଓ ବାଙ୍ଗାରି ଦେବୀଙ୍କ ପୁଅ ସୀମାଞ୍ଚଳ ମାତ୍ର ୬ ବର୍ଷ ବୟସରେ ପାଲୁରଗଡ଼ର ନୃତ୍ୟଗୁରୁ ନରସିଂହ ପ୍ରଧାନଙ୍କ ଠାରୁ ଓଡ଼ିଶୀ ନୃତ୍ୟର ପୂର୍ବାଭାସ ସଖୀ ନାଚ ଶିକ୍ଷା କରିଥିଲେ । ବାପା ସୁର ପାତ୍ର ଜଣେ ଗରିବ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ ନୃତ୍ୟ ଗୀତ ପ୍ରତି ତାଙ୍କର ରୁଚି ଥିଲା । ସେ ଗ୍ରାମର ପ୍ରହଲ୍ଲାଦ ନାଟକର ରାଜା ହିରଣ୍ୟକଶ୍ୟପ ଭୂମିକାରେ ଅଭିନୟ କରୁଥିଲେ । ତେଣୁ ସୀମାଞ୍ଚଳ ପିଲାଟି ଦିନରୁ ପିତାଙ୍କୁ ଅନୁସରଣ କରି ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିବା ଦେଖି ପିତା ତାଙ୍କୁ ନାଟକର ସୂତ୍ରଧର ଗୀତ ଅଭ୍ୟାସ କରାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ନିର୍ଦ୍ଦେଶନାରେ ସେ ରଜାନାଟ ବା ପ୍ରହଲ୍ଲାଦ ନାଟକରେ ପ୍ରହଲ୍ଲାଦ ଭୂମିକାରେ ଉଚ୍ଚକୋଟୀର ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ । ପିତାଙ୍କ ଦେହାନ୍ତ ପରେ ସେ ପ୍ରହଲ୍ଲାଦ ନାଟକର ଗୁରୁ ତ୍ରିନାଥ ପ୍ରଧାନ ଏବଂ ଲକ୍ଷ୍ମଣ ଶତପଥିଙ୍କ ନିକଟରେ ଦୀର୍ଘ ୨୦ ବର୍ଷ ନୃତ୍ୟାଭିନୟର ବିଭିନ୍ନ ଶୈଳୀ, ରାଗ, ରସ, ଲୟ, ଠାଣି, ସଂଳାପ, ନୃତ୍ୟ ଭଙ୍ଗୀ ପ୍ରଭୃତି ଶିକ୍ଷା ଗ୍ରହଣ କରି ପରବର୍ତ୍ତୀ ସମୟରେ ହିରଣ୍ୟକଶ୍ୟପ ରାଜା ଭୂମିକାରେ ଅଭିନୟ କରି ଆସୁଥିଲେ । ତାଙ୍କୁ ସମଗ୍ର ଅଞ୍ଚଳରେ ରଜା ସୀମାଞ୍ଚଳ ବୋଲି ଲୋକେ ଡାକୁଥିଲେ । ୧୯ ୯୦ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ରଜା ନାଟକରେ ତାଙ୍କ ପ୍ରଚଣ୍ଡ ପ୍ରତିଭା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୧୯ ୯୭ ରେ ଲୋକନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ଗତ ଗୁରୁବାର ବ୍ରହ୍ମପୁର ସ୍ଥିତ ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହରେ ତାଙ୍କୁ ସମ୍ମାନୀତ କରାଯାଇଥଲେ ମଧ ଶାରୀରିକ ଅସୁସ୍ଥତା କାରଣରୁ ସେ ଉପସ୍ଥିତ ହୋଇପାରିନଥିଲେ । ତାଙ୍କୁ ଶୁକ୍ରବାର ଦିଗପହଣ୍ଡି ଠାରେ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କବିସୂର୍ଯ୍ୟ ଜୟନ୍ତୀ ମହୋତ୍ସବରେ ସମ୍ମାନ ପତ୍ର ଟି ଅତିଥିବୃନ୍ଦ ପ୍ରଦାନ କରିଥିଲେ ।




# ତିଳ ସପ୍ତମୀରେ ଶ୍ରୀ ବିରଞ୍ଚି ନାରାୟଣଙ୍କ ରଥଯାତ୍ରା



ବୁଗୁଡ଼ା, ୨୫।୧(ସମିସ): ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ତିଳ ସପ୍ତମୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତି ଏବଂ ଅବକାଶ ନୀତି ପରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପୁରୋହିତ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ଦାଶ, ବୈଷ୍ଣବ ଚରଣ ଦାଶ, ଶ୍ରୀକାନ୍ତ ମିଶ୍ର ଓ ସୁବାସ ଦାଶ ପ୍ରମୁଖ ରଥ ପ୍ରତିଷ୍ଠା ସହ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ । ହୟଶୀର୍ଷ ସୌରଖଣ୍ଡ ବିଧି ଅନୁସାରେ ଏହି ପ୍ରତିଷ୍ଠା ସହ ହୋମ କାର୍ଯ୍ୟ ହୋଇଥିଲେ । କର୍ତ୍ତା ରୂପେ ମଠାଧୀଶ ଭକ୍ତରାମ ଦାସ ଯୋଗ ଦେଇଥିଲେ । ସନ୍ଧ୍ୟା ଆଳତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ବିରଞ୍ଚି ନାରାୟଣଙ୍କ ଚଳନ୍ତି ବିଗ୍ରହକୁ ରଥରେ ବିଜେ କରାଯାଇଥିଲା । ଘଣ୍ଟ ଓ ମୃଦଙ୍ଗ ସାଙ୍ଗକୁ ଆତସବାଜିର ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ସେଠାରେ ଶ୍ରୀ ବିଗ୍ରହକୁ ଭୋଗ ଓ ଆଳତି ଅର୍ପଣ କରାଯିବା ପରେ ପୁଣି ସ୍ୱସ୍ଥାନକୁ ଅଣାଯାଇଥିଲା । ପୂଜକ ଉମାକାନ୍ତ ଦାଶ ଓ ବଳରାମ ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଉକ୍ତ ରଥଯାତ୍ରାରେ ବହୁ ଲୋକଙ୍କ ସମାବେଶ ହୋଇଥିଲା ।

# ତାଲା ବନ୍ଦ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୨୫।୧(ସମିସ): ନେହେରୁନଗର ଚତୁର୍ଥ ଲାଇନ ନିବାସୀ ମାୟାଧର ସାହୁ ଗତ ଦୁଇଦିନ ପୂର୍ବେ ଦାରିଙ୍ଗବାଡି ବୁଲିବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଦୁର୍ବୃତ୍ତ ତାଙ୍କ ଘରେ କଳାକନା ବୁଲାଇଥିବା ଦେଖିଥିଲେ । ଦୁର୍ବୃତ୍ତମାନେ ତାଙ୍କ ଘରର କବାଟ ଭାଙ୍ଗି ଆଲମାରିରେ ଥିବା ୩୦ଭରି ସୁନା ଓ ୨୦ ଭରି ରୁପା ଅଳଙ୍କାର ନେଇଯାଇଥିବା ସେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ସେପଟେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତାରେ ପୁଲିସ ତନାଘନା କରିଛି । ଏହାସହ ଘଟଣାର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛି ।




**ଛତ୍ରପୁର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ**

# ଯୋଗଦେଲେ ବିଧାୟକ ଓ ଜିଲ୍ଲାପାଳ




ଛତ୍ରପୁର, ୨୫ ।୧(ସମିସ): ଛତ୍ରପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବ ସଭାପତି ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନ୍ଏସି ଉପାଧ୍ୟକ୍ଷ ଜି ପାପା ରାଓ, ବ୍ଲକ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ସେବା ଶିବିରକୁ ଅତିଥିମାନେ ଉଦଘାଟନ କରିବା ସହ ଏହାକୁ ପରିଦର୍ଶନ କରି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଲୋକଙ୍କ ସହ ସୁବିଧା ସୁଯୋଗ ନେଇ ଆଲୋଚନା କରିଥିଲେ । ପ୍ରେସ୍ କ୍ଲବର ସଦସ୍ୟମାନଙ୍କ ନିଷ୍ଠାପର ଉଦ୍ୟମ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବାକୁ ଅତିଥି ମାନେ ନିଜ ବକ୍ତବ୍ୟରେ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିବା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡାକ୍ତର ଅଲେଖ ପ୍ରଧାନ ଓ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସ୍ୱାଧୀନ ରଥ ଛତ୍ରପୁର ପ୍ରେସ୍ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମିଳୁଥିବା ଗଠନ ମୂଳକ ସହଯୋଗ ସମ୍ପର୍କିତ ସୂଚନା ଦେଇଥିଲେ । ସମ୍ପାଦକ ଅଜିତ ସ୍ୱାଇଁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ସହ ସମ୍ପାଦକ ସନ୍ତୋଷ ସାହୁ ଓ କୋଷାଧ୍ୟକ୍ଷ କ୍ଷୀରୋଦ ସାହୁ ମଞ୍ଚାସୀନ ଥିଲେ । ବହୁ ଅଜଣା ଶବଙ୍କ ଶେଷକୃତ୍ୟ ସମ୍ପନ୍ନ କରୁଥିବା ତଥା ସହରର ସମସ୍ତ ମୃତକଙ୍କ ଶେଷକୃତ୍ୟ ବେଳେ ସହଯୋଗ କରୁଥିବା ଯୁବ ସମାଜସେବୀ ଶିବ ପ୍ରସାଦ ବେହେରା (ବଳିଆ)ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଉପସଭାପତି ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଏନ. ନାରାୟଣ ରେଡ୍ଡୀ, ବରିଷ୍ଠ ନେତା ଶଙ୍କର ପ୍ରସାଦ ଦାଶ, ନୀଳକଣ୍ଠ ଦାଶ, ଏସ. କିଶୋର ରେଡ୍ଡୀ, ସୟଦ ମୁକ୍ତାର, ବି. ଶ୍ରୀନିବାସ, ବସନ୍ତ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକ, ଜ୍ୟୋତି ରଞ୍ଜନ ସାହୁ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି, ଛତ୍ରପୁର ଏନଏସିର କାଉନସିଲର, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ, ଶିକ୍ଷକ, ଜନସାଧାରଣ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

